**ଅଭିଯୁକ୍ତ ଗିରଫ**

କଣିହାଁ,୨୩ା୧(ସଚ୍ଚିଦାନନ୍ଦ ପ୍ରଧାନ): କଣିହାଁ ବ୍ଲକ ରେଙ୍ଗାଲି ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ୨୦୧୫ ମସିହାର ଏକ ଗଞ୍ଜେଇ କାରବାର ମାମଲାରେ ରେଙ୍ଗାଲି ଥାନା ସଂସାମରା ଗ୍ରାମର କେଦାର ପଦିଲି (୨୭)ଙ୍କ ନାମରେ କୋର୍ଟ ପକ୍ଷରୁ ୱାରେଣ୍ଟ ଜାରି ହୋଇଥିଲା। ଘରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଆଇଆଇସି ଜୟନ୍ତ ମହାନ୍ତି ସୂଚନା ଦେଇଛନ୍ତି।

# ଗୌରୀଶଙ୍କରଙ୍କ ନୃତ୍ୟରେ ଦର୍ଶକ ବିଭୋର

ଢେଙ୍କାନାଳ,୨୩ା୧(ରତନ ନାୟାର)

ମୁକ୍ତେଶ୍ୱର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ରାମାୟଣର କୈବର୍ତ୍ତ୍ୟ ପ୍ରସଙ୍ଗ ଉପରେ ଏକକ ନୃତ୍ୟଶିଳ୍ପୀ ଭାବେ ଢେଙ୍କାନାଳର ନୃତ୍ୟଶିଳ୍ପୀ ଗୌରୀଶଙ୍କର ଦାଶଙ୍କ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସରେ ଗୌରୀଶଙ୍କରଙ୍କ ଅଭିନୟ ସମସ୍ତଙ୍କୁ ବିଭୋର କରିଥିଲା। ପ୍ରାରମ୍ଭରେ ଗୌରୀଶଙ୍କର ଓଡ଼ିଶୀ ନୃତ୍ୟ ସହିତ ଶିବ ବନ୍ଦନା ଏବଂ ବାଗେଶ୍ରୀ ପଲ୍ଲବୀ ପରିବେଷଣ କରିଥିଲେ। ଏହାର ବାଦ୍ୟ ସଂଯୋଜନା କରିଥିଲେ ଗୁରୁ ସୁକାନ୍ତ କୁମାର କୁଣ୍ଡୁ ଓ ଗୁରୁ ଧନେଶ୍ୱର ସ୍ୱାଇଁ। ନୃତ୍ୟ ସଂଯୋଜନା କରିଥିଲେ ନିଜେ ଗୌରୀଶଙ୍କର ଦାଶ। ଏହି ଉତ୍ସବରେ ଅତିଥି ଭାବରେ ସଙ୍ଗୀତ ନାଟକ ଏକାଡେମୀ ସମ୍ପାଦକ ପ୍ରବୋଧ ରଥ, ଓଡିଆ ନୃତ୍ୟଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି ଏବଂ ଆମେରିକା ନିବାସୀ ପ୍ରତାପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀନିବାସ ଘଟୁଆରୀ ଓ ନାଜିଆ ଆଲମ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ନୃତ୍ୟଶିଳ୍ପୀ ଗୁରୁ ଗୌରୀଶଙ୍କର ଦାଶ।

# ମାତୃଭୂମି ସେବାରେ ବ୍ରତୀହେବାକୁ ଆହ୍ୱାନ


ବିଜେଡି କାର୍ଯ୍ୟାଳୟରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଉଛି।

ଢେଙ୍କାନାଳ,୨୩ା୧(ରତନ ନାୟାର)

ଢେଙ୍କାନାଳ ଜିଲା ବିଜେଡି କାର୍ଯ୍ୟାଳୟ ପରିସରରେ ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁରଙ୍କ ଅଧ୍ୟକ୍ଷତାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଉପସ୍ଥିତ ଅତିଥିମାନେ ନେତାଜୀ ବୋଷଙ୍କୁ ଚିରବନ୍ଦନୀୟ, ଚିରସ୍ମରଣୀୟ ବୋଲି କହିବା ସହ ପରାଧୀନ ଭାରତକୁ ସ୍ୱାଧୀନତା ପ୍ରଦାନ କରିବା ପାଇଁ ତାଙ୍କର ସଂଘର୍ଷ, ଭୂମିକା, ଜୀବନବ୍ୟାପୀ ତ୍ୟାଗ ଓ ସଂଗ୍ରାମ ସମ୍ପର୍କରେ କହିଥିଲେ। ସେହିପରି ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଜୀବନୀ ଉପରେ ଆଲୋଚନା କରାଯାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ମାତୃଭୂମିର ସେବାରେ ବ୍ରତୀ ହେବାକୁ ଯୁବ ସମାଜ ଆଗେଇ ଆସୁ ବୋଲି ଆହ୍ୱାନ ଦେଇଥିଲେ। ଏହି ସଭାରେ ରାଜ୍ୟ ବନ ଉନ୍ନୟନ ନିଗମ ଉପଦେଷ୍ଟା ତଥା ଢେଙ୍କାନାଳ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀପ୍ରସାଦ ଭୂତିଆ, କାଉନସିଲର ଅଭିମନ୍ୟୁ ପଣ୍ଡା, ବ୍ରହ୍ମାନନ୍ଦ ମଲ୍ଲିକ, ସାଗିର ମହମ୍ମଦ, ଲିପିକା ଦାସ, ଦୀପ୍ତିରଞ୍ଜନ ସେଠୀ, ବିଜେଡି ଯୁବ ନଗର ସଭାପତି ବ୍ରହ୍ମାନନ୍ଦ ସାହୁ, ବିଜେଡି ଜିଲା ସମ୍ପାଦକ ସଞ୍ଜୟ ମଲ୍ଲିକ, ମାନସ ମହାରଣା, ରଞ୍ଜନ ନାୟକ, ପ୍ରଦୀପ କୁମାର ସାହୁଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନେତାଜୀ ପାର୍କଠାରେ ଜୟନ୍ତୀ ପାଳନ

ଢେଙ୍କାନାଳ,୨୩ା୧(ରତନ ନାୟାର)

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ପକ୍ଷରୁ ସ୍ଥାନୀୟ ଭାଗୀରଥି ସାଗରସ୍ଥିତ ନେତାଜୀ ପାର୍କଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ମଙ୍ଗଳବାର ପାଳନ କରାଯାଇଛି। ଫୋରମ ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, ଭାଜପା ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଜିଲା ଏଏପି ସଭାପତି ପଙ୍କଜ କୁମାର ନାୟକ, ଫୋରମ୍‌ର ଜିଲା କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ବେହେରା, ଉପସଭାପତି ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଭାରତ କୁମାର ଦାସ, ନଗର ଶାଖାର ସଭାପତି ଅମ୍ବିକା ପ୍ରସାଦ ମିଶ୍ର, ଉଦୟନାଥ ବେହେରା, ଶଙ୍କର୍ଷଣ ରଥ, ଦୀପକ କୁମାର ଦାସ, ଅଶୋକ କୁମାର ସ୍ୱାଇଁ, ଗୋକୁଳ ଚନ୍ଦ୍ର ମାଝି, ଦଣ୍ଡପାଣି ଦାସ, ସୁରେନ୍ଦ୍ର ସ୍ୱାଇଁ, ମହିଳା ଶାଖାର ଜିଲା ସଭାନେତ୍ରୀ ପ୍ରଭାତୀ ମହାପାତ୍ର, ବନଜା ମାନସିଂହ, ସାଜେଦା ପରବିନ୍, ସ୍ୱପ୍ନା ଜେମସ୍ ମନ୍ମଥ ରାଓ ପ୍ରମୁଖ ଉପସ୍ଥିତ ଥିଲେ।


ସଚେତନ ନାଗରିକ ଫୋରମ୍ ପକ୍ଷରୁ ନେତାଜୀ ଜୟନ୍ତୀ।

# ରୋଟ୍ରାକ୍ଟ କ୍ଲବର ୪ର୍ଥ ଚାର୍ଟର ଦିବସ



ରୋଟ୍ରାକ୍ଟ କ୍ଲବର ୪ର୍ଥ ଚାର୍ଟର ଦିବସ ପାଳନ କରାଯାଉଛି।

ଢେଙ୍କାନାଳ,୨୩ା୧(ରତନ ନାୟାର)

ଢେଙ୍କାନାଳ ରୋଟ୍ରାକ୍ଟ କ୍ଲବର ଚତୁର୍ଥ ଚାର୍ଟର ଦିବସ ରୋଟାରି କ୍ଲବ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରୋଟାରି କ୍ଲବ ପୂର୍ବତନ ସଭାପତି ହର୍ଷବର୍ଦ୍ଧନ ସିଂହଦେଓ ଏବଂ ପ୍ରତ୍ୟୁଷ ସାହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ରୋଟ୍ରାକ୍ଟ କ୍ଲବ ଢେଙ୍କାନାଳର ଚାର୍ଟର୍ ସଭାପତି ଅବିନାଶ ସାହୁ ଯୋଗ ଦେଇଥିଲେ। କ୍ଲବ ସଭାପତି ଶିବପ୍ରସାଦ ସ୍ୱାଇଁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସମ୍ପାଦକ ଅମ୍ରିତା ମିଶ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ନୂତନ ସଭାପତି ଭାବେ ଅମିଶା ନାୟକ ଓ ସମ୍ପାଦକ ଭାବେ ପ୍ରେମଜିତ୍ ରାଜଙ୍କୁ ମନୋନୀତ କରାଯାଇଥିଲା। ୧୦ଜଣ ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୩ଜଣ ନୂତନ ସଦସ୍ୟ ଅବିନାଶ ମହାପାତ୍ର, ପୁଷ୍ପେନ୍ଦ୍ର ଏବଂ କାଦମ୍ବରୀ ମହାକୁଡ କ୍ଲବରେ ସାମିଲ ହୋଇଥିଲେ। କ୍ଲବ ପକ୍ଷରୁ ଚାର୍ଟର ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ବୁଲେଟିନ ଉନ୍ମୋଚନ କରାଯାଇଥିଲା। ଲୋପାମୁଦ୍ରା ସାହୁ ପରିଚାଳନା କରିଥିବା ବେଳେ ରଞ୍ଜନ, ଅଭିଷେକ, ଅଭିଳାଷ, ଅନୀଶ, ସୋନୁ, ମୁକୁନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଓଡ଼ାପଡ଼ା,୨୩ା୧ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଗତ ୧୬ ତାରିଖରେ ଆୟୋଜିତ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଦର୍ଶନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋଅର୍ଡିନେଟର ଅରୁଣ କୁମାର ରାଉତ ଯୋଗଦେଇ ନିଜକୁ ନିଜେ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପ୍ରକାରର କୌଶଳ ବାଳିକାମାନଙ୍କୁ ଶିକ୍ଷା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ପ୍ରଶିକ୍ଷିକା ଲିଜା ଜେନା ଓ ଅଧ୍ୟାପକ ଦିଲୀପ କୁମାର ବଳ ଯୋଗ ଦେଇଥିଲେ।



# ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା



କେନ୍ଦ୍ରୀୟ ବିଦ୍ୟାଳୟରେ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା।

ଢେଙ୍କାନାଳ,୨୩ା୧(ରତନ ନାୟାର)

ଢେଙ୍କାନାଳସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରୀକ୍ଷା ପେ ଚର୍ଚ୍ଚା-୨୦୨୪ ଉପଲକ୍ଷେ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଓ ପରାକ୍ରମ ଦିବସ ମଙ୍ଗଳବାର ବିଦ୍ୟାଳୟ ଅଧ୍ୟକ୍ଷ ଶିଶିର କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁବନ୍ଧିତ ବିଦ୍ୟାଳୟ ସମୂହ, ଜବାହର ନବୋଦୟ ବିଦ୍ୟାଳୟ ସରାଙ୍ଗ ଓ ସରକାରୀ ମାଧ୍ୟମିକ ବିଦ୍ୟାଳୟ ଆଦି ୧୭ଟି ଶିକ୍ଷାନୁଷ୍ଠାନର ପ୍ରାୟ ୧୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ଆସନ୍ତା ୨୯ ତାରିଖରେ ଦିଲ୍ଲୀଠାରେ ଆୟୋଜିତ ହେବାକୁ ଥିବା ପରୀକ୍ଷା ପେ ଚର୍ଚ୍ଚା ୭ମ ସଂସ୍କରଣର ଏକ ଅଂଶସ୍ୱରୂପ ଏହି ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୯ମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ୫ଜଣ ପ୍ରତିଯୋଗୀଙ୍କୁ ପୁରସ୍କାର ସ୍ୱରୂପ ସ୍ୱାଧୀନତା ସଂଗ୍ରାମୀ ସମ୍ପର୍କିତ ପୁସ୍ତକ ସହିତ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଦ୍ୱାରା ପ୍ରେରିତ ମାନପତ୍ରକୁ ଅଧ୍ୟକ୍ଷ ଶିଶିର କୁମାର ଦାଶ ପ୍ରଦାନ କରିଥିଲେ। ଅନ୍ୟ ପ୍ରତିଯୋଗୀମାନଙ୍କୁ 'ପରୀକ୍ଷା ଯୋଦ୍ଧା' ପୁସ୍ତକ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଶିକ୍ଷକ ରଶ୍ମିରଞ୍ଜନ ରାଉତଙ୍କ ପରିଚାଳନାରେ ପାଳନ କରାଯାଇଥିଲା। ଶିକ୍ଷକ ରତ୍ନାକର ପ୍ରଧାନ ଧନ୍ୟବାଦ ଦେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହାୟତା କରିଥିଲେ।

# ରୋଜଗାର ଦୋ, ନ୍ୟାୟ ଦୋ ଅଭିଯାନ

ଢେଙ୍କାନାଳ,୨୩ା୧ (ରତନ ନାୟାର)

ଢେଙ୍କାନାଳ ଜିଲା ଯୁବ କଂଗ୍ରେସ ପକ୍ଷରୁ ରୋଜଗାର ଦୋ, ନ୍ୟାୟ ଦୋ ଅଭିଯାନ ସଭାପତି ଶୁଭମ ଦାଶଙ୍କ ନେତୃତ୍ୱରେ ମଙ୍ଗଳବାର ଆରମ୍ଭ ହୋଇଛି। ଯୁବକମାନଙ୍କୁ ରୋଜଗାର ଦେବାରେ ମୋଦି ଓ ନବୀନ ସରକାରଙ୍କ ବିଫଳତା ଏବଂ ଯୁବକମାନେ ଅଧିକାରରୁ ବଞ୍ଚିତ ଥିବାରୁ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରା 'ରୋଜଗାର ଦୋ ନ୍ୟାୟ ଦୋ' ଆହ୍ୱାନକୁ ନେଇ ଏହି ଅଭିଯାନ ଆରମ୍ଭ ହୋଇଛି। ଗାଁ ଗାଁରେ ଏହି ଅଭିଯାନ ଚାଲିବ। କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ସଭାପତି ଦାସଙ୍କ ସମେତ ଯୁବ କଂଗ୍ରେସ ଲୋକ ସଭା ସମ୍ପାଦକ ସୁଶାନ୍ତ ସାମଲ, ଟାଉନ କଂଗ୍ରେସ ସଭାପତି ହାଇଦର ମହମ୍ମଦ, ଯୁବନେତା ସୁଜିତ ମଲ୍ଲିକ, ରାହୁଲ ଦାସ, ରାକେଶ ନାଏକ, ଓମ୍ ପ୍ରକାଶ ନାଏକ, ସାଜିଦ ବେଗଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।


ଯୁବ କଂଗ୍ରେସର ରୋଜଗାର ଦୋ, ନ୍ୟାୟ ଦୋ ଅଭିଯାନ ଆରମ୍ଭ କରାଯାଉଛି।

# ଶୁପ୍ତ ପ୍ରତିଭା ଲୋକଲୋଚନକୁ ଆଣିବାକୁ ପ୍ରୟାସ



କାମାକ୍ଷାନଗର,୨୩ା୧(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗରରେ ୨ୟ କାମାକ୍ଷାନଗର ମହୋତ୍ସବ ଉପଲକ୍ଷେ ମଙ୍ଗଳବାର ପଥଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାସ୍ତା ସାରା ଝୋଟି ପଡିଥିବାବେଳେ, ଯୋଗାଭ୍ୟାସ, ଛୋଟ ଛୋଟ ପିଲାଙ୍କ ସାଇକେଲ ଚାଳନା, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତରେ ଝୁମିଥିଲେ ସହରବାସୀ। ମୁଖ୍ୟ ମଞ୍ଚ ନିକଟରେ ଲୋକଙ୍କ ପ୍ରବଳ ଗହଳି ଜମିଥିଲା। ଉପସ୍ଥାପକ ଶୁଭମ୍‌ଙ୍କ ଉପସ୍ଥାପନା ସହ ଅର୍ପିତା, ଏମ୍ ଜିତୁଙ୍କ ରୋମାଣ୍ଟିକ୍ ଗୀତ, ଡିଜେ ସତ୍ୟ ଓ ଶିବୁଙ୍କ ବାଦ୍ୟ ଦର୍ଶକଙ୍କୁ ଝୁମାଇଥିଲା। ମୁଖ୍ୟ ଅତିଥି ଭାବେ ନଗରପାଳ ଧର୍ମାନନ୍ଦ ପରିଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଲୁଚି ରହିଥିବା ଶୁପ୍ତ ପ୍ରତିଭାଙ୍କୁ ଲୋକ ଲୋଚନାକୁ ଆଣିବାରେ ପଥୋତ୍ସବ ଏକ ପ୍ରୟାସ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ବିଡିଓ ଅବିନାଶ ପାଣ୍ଡିଆ, ଡେପୁଟି କଲେକ୍ଟର ଡା. ତୃପ୍ତିମୟୀ ପ୍ରଧାନ, ସହକାରୀ ଜିଲାପାଳ ମଦନ ମୋହନ ଜେନା, ଦୀପକ ମିଶ୍ର, ଅର୍ଚ୍ଚନା ଗୌଡ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉପଖଣ୍ଡ ଖାଦ୍ୟ ଯୋଗାଣ ଅଧିକାରୀ ତାରିଣୀପ୍ରସାଦମିଶ୍ର ଛାତ୍ରୀଛାତ୍ର ଓ ଅତିଥିଙ୍କ ପାଇଁ ଜଳଖିଆର ବ୍ୟବସ୍ଥା କରିଥିଲେ।

# ଅନ୍ତର୍ନିହିତ ଗୁଣକୁ ବିକଶିତ କର

ଭୁବନ,୨୩ା୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ନୂଆ ଭୁବନ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଶିକ୍ଷା ମୂଳକ ସୂଚନା ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆର୍ଯ୍ୟକବୀ ପଣ୍ଡିତ ପ୍ରମୋଦ କୁମାର ମିଶ୍ର ଯୋଗଦେଇ ଅନ୍ତର୍ନିହିତ ଗୁଣକୁ ବିକଶିତ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପୂର୍ଣ୍ଣଚନ୍ଦ୍ର ଆଏଚ, ଅନ୍ୟତମ ଅତିଥି ଭାବେ ରଞ୍ଜନ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ମନୋଜ ବେହେରା, ବରିଷ୍ଠ ଚିତ୍ରଶିଳ୍ପୀ ନାରାୟଣ ସାହୁ, ସାମାଜିକ କର୍ମୀ ନରେନ୍ଦ୍ର ସାହୁ, ଚୈତନ୍ୟ ପୃଷ୍ଟି ଓ ମୋସ୍କୁଲ ଅଭିଯାନ ସଭାପତି ପ୍ରଭାସ କୁମାର ମେହେଣା ଯୋଗ ଦେଇଥିଲେ। ପ୍ରଜିତ କିଶୋର ସାହୁ ପରିଚାଳନା କରିଥିଲେ। ଅର୍ଜୁନ କୁମାର ବାରିକ, କୁନା ସାହୁ, ଶିକ୍ଷୟିତ୍ରୀ ପ୍ରଜ୍ଞାଶ୍ରୀ ପାଲ, ଧରିତ୍ରୀ ପ୍ରିୟଦର୍ଶିନୀ ମିଶ୍ର, ରେଣୁବାଳା ସାହୁ, ନୃସିଂହ ଚରଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ଜୁନିୟର ରେଡ୍‌କ୍ରସ୍ ଶିକ୍ଷା, ତାଲିମ ଶିବିର

ଢେଙ୍କାନାଳ,୨୩ା୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବିଶ୍ୱନାଥପୁର ଠାରେ ୩୫ତମ ଜିଲା ଜୁନିୟର ରେଡ୍‌କ୍ରସ୍ ଶିକ୍ଷା ଓ ତାଲିମ୍ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ସଭାପତିତ୍ୱ କରି ନୈତିକ ଶିକ୍ଷା ବିଷୟରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ରେଡ୍‌କ୍ରସ ଶାଖା ଉପାଧ୍ୟକ୍ଷ ବିରଞ୍ଚି ନାରାୟଣ ପାଣି, ମାନବ ସେବା ହିଁ ମାଧବ ସେବା ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ, ଗଁଦିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକ, ଗଁଦିଆ ଷ୍ଟେଶନ ଅଧିକାରୀ ଦୀନବନ୍ଧୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତି ପ୍ରସାଦ ପରିଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶ୍ୱନାଥପୁର ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ମାନସ ରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିକ୍ଷା ଓ ତାଲିମ୍ ଶିବିରରେ ୨୨୮ ଜଣ ବାଳକ ଜୁନିୟର, ୧୧୨ଜଣ ବାଳିକା ଜୁନିୟର ଏବଂ ୧୪୦ ଜଣ କାଉନ୍‌ସେଲର ଯୋଗ ଦେଇଛନ୍ତି। ଜୁନିୟର ରେଡ୍‌କ୍ରସ୍‌ର ବରିଷ୍ଠ ସାଧନକର୍ମୀ ନରେଶ କୁମାର ମହାରଣା, ପ୍ରଶାନ୍ତ କୁମାର ଧଳ, ସୁବ୍ରତ ମିଶ୍ର, ସୁଶୀଲ ପଣ୍ଡା, ଦେବାଶିଷ ପଲେଇ ପ୍ରମୁଖ ତାଲିମ୍ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା ବିବରଣୀ ପାଠ କରିଥିଲେ। ଜିରାଳ ସରକାରୀ ଉଚ୍ଚ ବିଦ୍ୟାଳୟର କାଉନ୍‌ସେଲର ବିପିନ୍ ବିହାରୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ। ଗଁଦିଆ ବ୍ଲକର ସମସ୍ତ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ସିଆର୍‌ସିସି, ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତଥା ବିଦ୍ୟାଳୟର ସହକାରୀ ପ୍ରଶାନ୍ତ କୁମାର ସାହୁ ଓ ସମସ୍ତ କାଉନ୍‌ସେଲର ସହଯୋଗ କରିଥିଲେ।



୩୫ତମ ଜିଲା ଜୁନିୟର ରେଡ୍‌କ୍ରସ୍ ଶିକ୍ଷା ଓ ତାଲିମ୍ ଶିବିର ଉଦ୍‌ଘାଟିତ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନେତାଜୀ, ସାଏଙ୍କ ଜୟନ୍ତୀ

ଢେଙ୍କାନାଳ,୨୩ା୧(ରତନ ନାୟାର)

ଢେଙ୍କାନାଳ ସହରସ୍ଥ ଜୁବୁଲି ଟାଉନ୍‌ଠାରେ ଅବସ୍ଥିତ ନେତାଜୀ କ୍ଲବ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ମଙ୍ଗଳବାର ପାଳନ କରାଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ସହିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଭାପତି ସଞ୍ଜୟ କୁମାର ଭଞ୍ଜ, ସମ୍ପାଦକ ବସନ୍ତ କୁମାର ସାମଲ, ହୃଦାନନ୍ଦ ମହାନ୍ତି, ପ୍ରବୀର କୁମାର ଜେନା, ସନ୍ତୋଷ କୁମାର ପତି, ନିରଞ୍ଜନ ସାମଲ, ପ୍ରକାଶ ପତି, ସତ୍ୟରଞ୍ଜନ ଶତପଥୀ, ସୁନୀଲ ବେହେରା, ସମରେନ୍ଦ୍ର ମହାନ୍ତି, ଅଜୟ ବାରିକ, ପରାଗ ମହାନ୍ତି, ବିଷ୍ଣୁ ଚରଣ ବେହେରା, ଦେବବ୍ରତ ବେହେରା, ଦେବୀ ପ୍ରସାଦ ମହାନ୍ତି, ଦିବ୍ୟ ରଞ୍ଜନ ଜେନା, ସଂଗ୍ରାମ ମହାନ୍ତି, ସୁନୀଲ ପାଣି, ପ୍ରିନ୍ସ ସମୀର, ଧର୍ମରାଜ ମହାନ୍ତି, ଶକ୍ତି ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଢେଙ୍କାନାଳର ଆମ ପ୍ରତିଭା ଆମ ସମ୍ମାନ ଅନୁଷ୍ଠାନ ପକ୍ଷରୁ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କୋଷାଧ୍ୟକ୍ଷ ରୁଦ୍ରାନ୍ତ ଦଳେଇଙ୍କ ଅଧ୍ୟକ୍ଷତାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ କର୍ମକର୍ତ୍ତା ପ୍ରତାପ ଦାସ, ଅମିୟ ଚାନ୍ଦ, ଶେଖର ସେଠୀ, ଦୁଷ୍ମନ୍ତ ମହାନ୍ତି, ସନ୍ତୋଷ ଦଳେଇ, ନକ୍କୁ ଖାଁ, ଅକ୍ତର ମହମ୍ମଦ, ରାଜୁନ ଖାଁ, ଆଲୋକ ରଥ, ରଶ୍ମି ନାରାୟଣ ସାହୁ ଓ ଅନିଲ ରାଉତଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ ମିନତି ଦେହୁରୀଙ୍କ ଅଧ୍ୟକ୍ଷତାରେ ନେତାଜୀ ଓ ସାଏ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ସେହିପରି ଡିସିସି ପ୍ଲେ ସ୍କୁଲ୍‌ରେ ନେତାଜୀ ଓ ସାଏଙ୍କ ଜୟନ୍ତୀ ଅଧ୍ୟକ୍ଷ ରୁଦ୍ର ମାଧବ ହୋତାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ବିଚିତ୍ରା ସାହୁ, ସାଗରିକା ସାହୁ, କବିତା ପାଣି ଓ ବିଶ୍ୱରୂପା ଶତପଥୀ ଅଂଶଗ୍ରହଣ କରିଥିଲେ।


ଜୟନ୍ତୀ ଉପଲକ୍ଷେ ନେତାଜୀ କ୍ଲବ ପକ୍ଷରୁ ଶୋଭାଯାତ୍ରା।

### ହତ୍ୟା ଅଭିଯୁକ୍ତା ବୋହୂ ଗିରଫ

ବଇଣ୍ଡା,୨୩।୧ (ପରିକ୍ଷିତ ସାହୁ): ଠାକୁରଗଡ଼ ଥାନା ଟାପଢୋଲ କୋଡା ସାହି ଗ୍ରାମରେ ରବିବାର ଶ୍ୱଶୁର ଲୋକନାଥ ବେହେରାଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିବା ଅଭିଯୋଗରେ ତାଙ୍କ ସାନ ବୋହୂ ସୁଜାତା ବେହେରାଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ଏ ନେଇ ନମ୍ବର ୨୦/୨୪ ଏକ ମାମଲା ରୁଜୁ ହୋଇଛି। ବୌଦ୍ଧରୁ ସାଇଣ୍ଟିଫିକ ଟିମ୍ ପହଞ୍ଚିବା ପରେ ପୋଲିସ ଅଭିଯୁକ୍ତାଙ୍କୁ ଘଟଣାସ୍ଥଳକୁ ନେଇ ତଦନ୍ତ କରିଥିଲା। ସେହିପରି ଲୋକନାଥଙ୍କ ମୃତଦେହ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇଛି।

## ତାଳଚେର ପୁସ୍ତକ ମେଳା ଉଦ୍‌ଘାଟିତ

ତାଳଚେର,୨୩।୧ (ମନୋଜ ନନ୍ଦ)

ତାଳଚେର ହତୋତୋଟା ସ୍ଥିତ ପ୍ରଜାମଣ୍ଡଳ ପରିସରରେ ମଙ୍ଗଳବାର ୨୧ତମ ତାଳଚେର ପୁସ୍ତକମେଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପୁସ୍ତକ ମେଳା ସଭାପତି ତଥା ଉପଜିଲାପାଳ ମନୋଜ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖିକା ହିରଣ୍ମୟୀ ମିଶ୍ର, ଅତିଥି ଭାବେ ନଗରପାଳ ପବିତ୍ର ଭୂତିଆ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଦେବୀ ମିଶ୍ର ଓ ଉପସଭାପତି ଡ. ରଶ୍ମି ରଞ୍ଜନ ମିଶ୍ର, ଯୁଗ୍ମ ସମ୍ପାଦକ ବିରଜା ଶଙ୍କର ମିଶ୍ର, ଅନ୍ୟତମ ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୋଲିସକୁ ମାଡ଼ ଘଟଣା, ୬୪ ଜଣଙ୍କ ନାମରେ ଏତଲା

ଅନୁଗୋଳ, ୨୩।୧ (ଅମିତ କୁମାର ସାମଲ)

ଅନୁଗୋଳ ସହରସ୍ଥିତ ଏଫ୍‌ସିଆଇ ଗୋଦାମ ନିକଟରେ ଗତ ରବିବାର ଏକ ସଡ଼କ ଦୁର୍ଘଟଣାକୁ ନେଇ ଉତ୍ତେଜନା ଓ ରାସ୍ତାରୋକୋ ବେଳେ ଅନୁଗୋଳ ଥାନା ଅଧିକାରୀ ଓ ଅନ୍ୟ ଜଣେ କର୍ମଚାରୀଙ୍କୁ ମାଡ଼ ମରାଯାଇଥିଲା। ଏ ନେଇ ଥାନା ଅଧିକାରୀ ୬୪ ଜଣଙ୍କ ବିରୋଧରେ ଲିଖିତ ଅଭିଯୋଗ କରିବା ପରେ ନଂ. ୮୬/୨୪ରେ ମାମଲା ରୁଜୁ କରାଯାଇଛି। ୧୪ ଜଣଙ୍କ ନାମରେ ମାମଲା ହୋଇଥିବାବେଳେ ଅନ୍ୟ ୫୦ ଜଣ ସହଯୋଗୀ ରହିଥିବା ଥାନା ଅଧିକାରୀ ଅଭିଯୋଗରେ ଦର୍ଶାଇଛନ୍ତି। ଇତିମଧ୍ୟରେ ଅଭିଯୁକ୍ତମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଏଏସ୍‌ଆଇ ସୁଧୀର କୁମାର ମହାନ୍ତି ଜାତୀୟ ରାଜପଥ ଅବରୋଧ ନେଇ ଅନ୍ୟ ଏକ ମାମଲା ରୁଜୁ କରିଛନ୍ତି। ନଂ. ୮୫/୨୪ରେ ୬୫ଜଣଙ୍କ ବିରୋଧରେ ଏହି ମାମଲା ରୁଜୁ କରାଯାଇଛି।

## ଭାଷା, ସାହିତ୍ୟ ଅସ୍ମିତା ନିର୍ମାଣର ମୂଳ ଉପାଦାନ




ଛେଣ୍ଡିପଦା,୨୩।୧ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚବିଦ୍ୟାଳୟରେ ମଙ୍ଗଳବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହେବା ସହ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପ୍ରଧାନ ଶିକ୍ଷକ ଫକିର ମୋହନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ସୁରେଶ ଚନ୍ଦ୍ର ରାଜହଂସ, ସମ୍ମାନିତ ଅତିଥି ଭାବେ ଦିଲୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇ ନେତାଜୀ ଓ ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ଅତିଥି ପରିଚୟ ଦେଇଥିଲେ। ଏହାପରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳନ କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ଓ କବିତା ପାଠ କରାଯାଇଥିଲା। ଶିକ୍ଷକ ଚିତ୍ତରଞ୍ଜନ ଦାସ, ଓଡିଆ ଶିକ୍ଷକ ସରୋଜ ଭୂତିଆ ଓ ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସ, ହିନ୍ଦୀ ଶିକ୍ଷୟିତ୍ରୀ ଜୁଲି ପାଣି, ସଂସ୍କୃତ ଶିକ୍ଷୟିତ୍ରୀ ମିନତି ମିଶ୍ର ପ୍ରମୁଖ କବିତା ପାଠ କରିଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ସାହିତ୍ୟ ଜାତୀୟ ଜୀବନର ନିର୍ମାତା। ଭାଷା ଓ ସାହିତ୍ୟ ଅସ୍ମିତା ନିର୍ମାଣର ମୂଳ ଉପାଦାନ ବୋଲି ପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ମଧୁମିତା ସାହୁ ପରିଚାଳନା କରିଥିଲେ। ଶିକ୍ଷକ ଅକ୍ଷୟ ନାୟକ, ପ୍ରଦ୍ୟୁମ୍ନ ଜେନା, କୃଷ୍ଣ ଦାସ, ସତ୍ୟରଞ୍ଜନ ଦଳାଇ, ଶିକ୍ଷୟିତ୍ରୀ ସୁଷମା ମହାପାତ୍ର, ସ୍ମିତାରାଣୀ ଖିଲାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ତାଳଚେରର ସବୁ ଘରକୁ ଯିବ ଭାଜପା

ତାଳଚେର,୨୩।୧ (ମନୋଜ ନନ୍ଦ)

ତାଳଚେର ଦେଉଳବେଡା ଠାରେ ଭାଜପା ତାଳଚେର ବିଧାନସଭା କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା ଢେଙ୍କାନାଳ ଲୋକ ସଭା କ୍ଷେତ୍ର ସଂଯୋଜକ ପ୍ରେମାନନ୍ଦ ଜେନା ଯୋଗଦେଇ ଅନୁଗୋଳ ଜିଲା ତଥା ତାଳଚେର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସେବା ଓ କଲ୍ୟାଣକାରୀ ଯୋଜନା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ହୋଇଥିବା ବିକାଶମୂଳକ କାର୍ଯ୍ୟର ଏକ ପ୍ରଚାର ପତ୍ରକୁ ନେଇ ତାଳଚେରର ସମସ୍ତ ଘର ବୁଲିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ନେତା କାଳନ୍ଦୀ ସାମଲ ଯୋଗଦେଇ ମୋଦି ସରକାରଙ୍କ ପକ୍ଷରୁ ଅନୁଗୋଳ ଜିଲାରେ ହୋଇଥିବା ସମସ୍ତ ବିକାଶମୂଳକ କାର୍ଯ୍ୟର ତଥ୍ୟକୁ ନେଇ କାର୍ଯ୍ୟକର୍ତ୍ତାମାନେ ଘର ଘର ବୁଲି ଲୋକଙ୍କୁ ସଚେତନ କରିବେ ବୋଲି କହିଥିଲେ। ଏହି କର୍ମଶାଳାରେ ବିଧାନସଭା ବିସ୍ତାରକ ଭକ୍ତ ବତ୍ସଳ ବସ୍ତିଆ, ସଂଯୋଜକଙ୍କ ସମସ୍ତ ୬ଟି ମଣ୍ଡଳର ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


ଭାଜପା ତାଳଚେର ବିଧାନସଭା କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ବୈଠକରେ କର୍ମକର୍ତ୍ତାମାନେ।

## ଆମ ପ୍ରତିଭା ଆମ ସ୍ୱାଭିମାନ ପକ୍ଷରୁ ନେତାଜୀ ଜୟନ୍ତୀ

ଅନୁଗୋଳ,୨୩।୧ (ଅମିତ କୁମାର ସାମଲ)

ଅନୁଗୋଳର ସାମାଜିକ ସଙ୍ଗଠନ ଆମ ପ୍ରତିଭା ଆମ ସ୍ୱାଭିମାନ ତରଫରୁ ଶିମିଳିପଡାସ୍ଥିତ ନେତାଜୀ ପାର୍କଠାରେ ନେତାଜୀ ଜୟନ୍ତୀ ପାଳନ କରାଯାଇଛି। ସଙ୍ଗଠନ ସଭାପତି ତଥା ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠାନ ସମ୍ପାଦକ ତଥା ରାଜ୍ୟ ସରକାରଙ୍କ ବସୁଧା ଯୋଜନାର ଉପଦେଷ୍ଟା ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦୀନେଶ ପ୍ରଧାନ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ଏମ୍‌ପି ମହେଶ ସାହୁ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଖାଦ୍ୟ ନିଗମ ଅଧ୍ୟକ୍ଷ ଅବନୀକାନ୍ତ ସାହୁ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, କାଉନସିଲର ସୁକାନ୍ତି ଦାସ, ବଳରାମ ଜେନା, ଏମ୍‌ପିଙ୍କ ପ୍ରତିନିଧି କୁମର ନାଏକ ଉପସ୍ଥିତ ଥିଲେ। ଅନୁଷ୍ଠାନ କୋଷାଧ୍ୟକ୍ଷ ପର୍ଶୁରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅକ୍ଷୟ କୁମାର ଦାସ, ସଞ୍ଜୀବ ସାହୁ, ପାପୁନ ବେହେରା, ରାଜେଶ ମିଶ୍ର ପରିଚାଳନା କରିଥିଲେ। ସହରର ବହୁ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ, ଯୋଗ ପ୍ରଶିକ୍ଷକ, ଲିଟଲ ହାର୍ଟସ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ।



ଶିମିଳିପଡାସ୍ଥିତ ନେତାଜୀ ପାର୍କଠାରେ ନେତାଜୀ ଜୟନ୍ତୀ ପାଳନ କରାଯାଉଛି।

## ନେତାଜୀ ଓ ସାଏଙ୍କ ଜୟନ୍ତୀ

ଆଠମଲ୍ଲିକ,୨୩।୧ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ଆଦିତ୍ୟ କୁମାର ସାହୁ ଯୋଗଦେଇଥିଲେ। ଆଚାର୍ଯ୍ୟା ଦୀପ୍ତିମୟୀ ମହାକୁଡ଼, ଶାଶ୍ୱତୀ ସୌମ୍ୟା ସାହୁ, ପ୍ରଧାନ ଆଚାର୍ଯ୍ୟ ରୁଦ୍ର ମୋହନ ହୋତା, ବରିଷ୍ଠ ଆଚାର୍ଯ୍ୟ ଦିଲୀପ କୁମାର ମିଶ୍ରଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। ସେହିପରି ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଶିକ୍ଷକ ମହେନ୍ଦ୍ର ସିଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଶିକ୍ଷକ ପ୍ରଦୀପ ସେଠୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶିକ୍ଷକ ଲୋକନାଥ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ଶିକ୍ଷକ ସତ୍ୟରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପୁରୁଣାମାଣତ୍ରି ଉଚ୍ଚ ବିଦ୍ୟାଳୟ, ଉଇଜଡମ ଇଣ୍ଟରନ୍ୟାଶନାଲ ସ୍କୁଲରେ ନେତାଜୀ ଓ ସାଏଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା।

## ପଦଯାତ୍ରା ମାଧ୍ୟମରେ ସଚେତନ କରାଇଲେ

ଅନୁଗୋଳ,୨୩।୧ (ଅମିତ କୁମାର ସାମଲ)

ଅନୁଗୋଳ ସହରକୁ ପ୍ରଦୂଷଣର ବିଷ ବଳୟରୁ ରକ୍ଷା କରିବାକୁ ମଙ୍ଗଳବାର ଶୈଳଶ୍ରୀକ୍ଷେତ୍ରଠାରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଇଜିଂ ଇଣ୍ଡିଆ ସିଟିଜେନ ଫୋରମ ଭୁବନେଶ୍ୱର ଆନୁକୂଲ୍ୟରେ ବିଭିନ୍ନ ସଙ୍ଗଠନ ତଥା ଉତ୍କର୍ଷ ପରିବାର, ସଖୀ ପରିବାର ଓ ଅନୁଗୋଳ ଜିଲା ହ୍ୟୁମାନ ରାଇଟ ଫ୍ରଣ୍ଟ ଇଣ୍ଡିଆର ପ୍ରତିନିଧିଦଳଙ୍କ ସହଯୋଗରେ ପୂର୍ବାହ୍ନ ୧୧ଟାରେ ଏହି ପଦଯାତ୍ରା କରାଯାଇଥିଲା। ଏହାକୁ ଅନୁଗୋଳ ଡିଏସ୍‌ପି ଜିତେନ୍ଦ୍ର କୁମାର ଦଳାଇ, ଆଇନଜୀବୀ ରାଜୀବ ପଟ୍ଟନାୟକ, ଶିକ୍ଷାବିତ୍ ମଳୟ ଦାସ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରାରେ ୧୦୦ରୁ ଊର୍ଦ୍ଧ୍ୱ ସଚେତନ ନାଗରିକ, ଆଇନଜୀବୀ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ବର୍ଷାଋତୁ ପୂର୍ବରୁ ୧ ହଜାର ଗଛ ଲଗାଇବା ପାଇଁ ଅନୁଷ୍ଠାନ କର୍ମକର୍ତ୍ତାମାନେ ମନ୍ଦିର ପ୍ରାଙ୍ଗଣରେ ଶପଥ ନେଇଥିଲେ। ଉତ୍କର୍ଷ ପରିବାର ସଭାପତି ଭୀଷ୍ମ ସାହୁଙ୍କ ନେତୃତ୍ୱରେ ବୁଢ଼ୀ ଠାକୁରାଣୀ ମନ୍ଦିର ପରିସରରେ ଚାରା ରୋପଣ କରାଯାଇଥିଲା। ରାଇଜିଂ ଇଣ୍ଡିଆ ସିଟିଜେନ ଫୋରମ ସଭାପତି ସିଦ୍ଧାର୍ଥ ମିଶ୍ର, ଉପସଭାପତି ତିଲେକେସର ମହନ୍ତ, ସମ୍ପାଦକ ସନ୍ତୋଷ ଦାଶ, ସୁକାନ୍ତି ସାହୁ, ହୋମଦ୍ୟୁତି ବେହେରା, ଲିଟୁନ କୁମାର ସାହୁ, ହ୍ୟୁମାନ ରାଇଟ ଫ୍ରଣ୍ଟ ଇଣ୍ଡିଆ ଟିମ୍‌ର ରଞ୍ଜିତ ପାତ୍ର, ଶିବାଶିଷ କର, ସୁଜିତ କୁମାର ବେହେରା, ରାଇଜିଂ ଇଣ୍ଡିଆ ସିଟିଜେନ ଫୋରମ ସଭାପତି ସିଦ୍ଧାର୍ଥ କୁମାର, ଚନ୍ଦ୍ରଶେଖର ସୁଣ୍ଡେରେ ଡ. ଅଳକା ନନ୍ଦ, ସଖୀ ୱାନ ଷ୍ଟପ ସେଣ୍ଟର ପରିବାରର ପାୟଲ ମିଶ୍ର, ଶକ୍ତି ସ୍ୱରୂପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ଜେଲ ଶୌଚାଳୟରେ ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ

ଅନୁଗୋଳ, ୨୩।୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା କାରାଗାର ମଧ୍ୟରେ ଥିବା ଯମଜ ଶିଶୁଙ୍କ ହତ୍ୟା ଅଭିଯୁକ୍ତା ତପସ୍ୱିନୀ ସାହୁ(୨୭) ଗତ ରବିବାର ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଜେଲ୍ ଶୌଚାଳୟ ଭିତରକୁ ଯାଇଥିବା ବେଳେ ସେ ଫିନାଇଲ ପିଇ ଦେଇଥିବା କୁହାଯାଉଛି। ଅବସ୍ଥା ଗୁରୁତର ଥିଲେ ହେଁ ତାଙ୍କୁ ଆମ୍ବୁଲାନ୍ସ ପରିବର୍ତ୍ତେ ଏକ ଟ୍ରଲିରେ ଜେଲ୍‌ର କେତେଜଣ କର୍ମଚାରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ଆଲୋଚନା ହେଉଛି। ଘଟଣା ସମ୍ପର୍କରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଲକ୍ଷ୍ମୀ ମୁଖୀଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରିନାହିଁ। ପ୍ରକାଶ ଯେ, ବନ୍ତଳା ଥାନା ମୁଣ୍ଡାଡ଼ିପ ଗାଁର ତପସ୍ୱିନୀ ଗତ ୧୭ ତାରିଖରେ ୩ ମାସର ଯମଜ ସନ୍ତାନଙ୍କୁ କୂଅରେ ଫିଙ୍ଗି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ବନ୍ତଳା ପୋଲିସ ତାଙ୍କୁ ଗିରଫ କରି ଜେଲ୍ ପଠାଇ ଦେଇଥିଲା। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ତାଙ୍କ ସହ ଶାଶୁ ଘର କିମ୍ବା ବାପ ଘର ଲୋକ କେହି କଟକ ନ ଯିବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ କଟକ ନେଇଥିବା ସୂଚନା ମିଳିଛି।

## ଲୁଟ୍ ଘଟଣାରେ ୩ ଗିରଫ

ପରଜଙ୍ଗ,୨୩।୧ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୫୩ ନଂ.ଜାତୀୟ ରାଜପଥର ବାଗିହାପୁରଠାରେ ଟ୍ରକ୍‌ଚାଳକଙ୍କଠାରୁ ଲୁଟ୍‌ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ତାଳଚେର ବାଘୁଆବୋଲ ଅଞ୍ଚଳର ନନ୍ଦନ ନାଏକ (୧୯), ରେମୁଆଁ ଅଞ୍ଚଳର କାହ୍ନା ନାଏକ (୨୦), ଡେରା-କଳିଆରୀ ଅଞ୍ଚଳର ପାପୁନ କୁମାର ସାହୁ। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିବା ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଭାତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ପରଜଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଭାତ କୁମାର ଦାସ, ସବ୍ ଇନ୍ସପେକ୍ଟର ଦେବଗ୍ରହୀ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ



କାମାକ୍ଷାନଗର,୨୩।୧ (ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ନୂଆ ଆଳତୁମାର ଶ୍ରୀରାମନଗରଠାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋମବାର କଳସ ଯାତ୍ରାରେ ମହିଳାମାନେ ରାମିଆଳ ନଦୀରୁ ଜଳ ଆଣିଥିଲେ। ମଙ୍ଗଳବାର ହୋମଯଜ୍ଞ କର୍ମ ଏବଂ ମନ୍ଦିର ପ୍ରତିଷ୍ଠା ସହ ପିଢଳରେ ନିର୍ମିତ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହକୁ ଗର୍ଭଗୃହରେ ସ୍ଥାପନ କରାଯାଇଥିଲା। ଶ୍ରୀରାମ ନଗର ଗ୍ରାମ୍ୟ କମିଟି ଓ ଯୁବକ ସଂଘର ସଭ୍ୟମାନେ ସହଯୋଗ କରିଥିଲେ। କାର୍ଯ୍ୟକର୍ତ୍ତା ଭାବେ ପୂର୍ଣ୍ଣଚନ୍ଦ୍ର ନାୟକ ଓ ପ୍ରବୀଣା ଲେଙ୍କା କାର୍ଯ୍ୟ ତୁଲାଇଥିଲେ। ପୁରୋହିତ କାହ୍ନୁଚରଣ ମିଶ୍ର, ଗତିକୃଷ୍ଣ ମିଶ୍ର, ସୁଶାନ୍ତ ମିଶ୍ର ଓ ବ୍ରହ୍ମାନନ୍ଦ ମିଶ୍ର ପ୍ରମୁଖ ମନ୍ତ୍ର ପାଠ କରିଥିଲେ। ଗ୍ରାମ କମିଟିର ସନ୍ତୋଷ କୁମାର ନାୟକ, ଟୁକୁନା ଲେଙ୍କା, ଦୁଷ୍ମନ୍ତ ରାୟ ଚୌଧୁରୀ ଓ ଯୁବକ ସଂଘ ସଭାପତି ନିରଞ୍ଜନ ସୁବୁଦ୍ଧି, ସମ୍ପାଦକ ସ୍ମୃତିରାଜ ବେହେରା, ସଭ୍ୟ ଲିପୁନ ଖୁଣ୍ଟିଆ, ସୌମ୍ୟ ରଞ୍ଜନ ନାଥ, ରବୀନ୍ଦ୍ର ଧୀର ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ମନ୍ଦିରରେ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା କରାଯିବ।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁଭାରମ୍ଭ

ପାଲଲହଡା,୨୩।୧ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡା ବିଜେଡି ପକ୍ଷରୁ ସଦରମହକୁମା ସ୍ଥିତ ଶରତ ଚନ୍ଦ୍ର କ୍ଲବଠାରେ ପାଲଲହଡା ନିର୍ବାଚନ ମଣ୍ଡଳୀସ୍ତରୀୟ ଘରେ ଘରେ ଶଙ୍ଖ ଓ ଗୃହ ଟ୍ୟାଗିଙ୍ଗ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବିଧାୟକ ନିଜିଗଡ଼ ପଞ୍ଚାୟତ ଉଦୟପୁର ସାହିକୁ ଗସ୍ତ କରି ଘରେ ଘରେ ଶଙ୍ଖ ଓ ଗୃହ ଟ୍ୟାଗିଙ୍ଗ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହିତ ସରକାରଙ୍କ ଯୋଜନାଗୁଡିକ ସମ୍ପର୍କରେ ସମସ୍ତ ପରିବାର ବର୍ଗଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, କୈଳାଶ ସାହୁଙ୍କ ସମେତ ଜିଲାପରିଷଦ ସଦସ୍ୟ, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



## ଆତଙ୍କ ଖେଳାଇଥିବା ୨ ଅଭିଯୁକ୍ତ ଗିରଫ

କାମାକ୍ଷାନଗର,୨୩।୧ (ସୁଧୀର କୁମାର ପରିଡା)

କାମାକ୍ଷାନଗର ଥାନା ଜିରାଳ ଗ୍ରାମରେ ଗତ ଶନିବାର ବୋମା, ବନ୍ଧୁକ ଫୁଟାଇ ଆତଙ୍କ ଖେଳାଇଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଜିରାଳ ଗ୍ରାମର ବିକି ଓରଫ ଲକ୍ଷ୍ମୀଧର ସାହୁ(୨୫) ଏବଂ ହଣ୍ଡପା ଓରଫ ଅଭିଜିତ ରାଉତ (୨୫)। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା କାମାକ୍ଷାନଗର ଥାନା ପରିସରରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଏସ୍‌ଡିପିଓ କହିଛନ୍ତି, ଲକ୍ଷ୍ମୀଧର, ଅଭିଜିତ୍ ଏବଂ ଅନ୍ୟଜଣେ ବୋମା ଏବଂ ବନ୍ଧୁକ ଧରି ଲୋକଙ୍କୁ ଭୟଭୀତ କରିବା ସହ ଜିରାଳ ବଜାରରେ ବୋମା ଫୁଟାଇଥିଲେ। ଏକ ହୋଟଲରେ ପହଞ୍ଚି ଅନ୍ତର୍ଯ୍ୟାମୀ ନାୟକ ଓ ସରୋଜ ମହାରଣାଙ୍କୁ ଧମକ ଦେଇ ଟଙ୍କା ଓ ମଦ ମାଗିଥିଲେ। ହୋଟେଲ ଝରକାକୁ ଗୁଳି ଚଳାଇଥିଲେ। ପରେ ଫାଙ୍କା ଗୁଳି ଚାଳନା କରି ଫେରାର ହୋଇଯାଇଥିଲେ। ପୋଲିସ ନଂ. ୩୬/୨୪ ଏକ ମାମଲା ରୁଜୁ କରିଥିଲା। ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ଶରତ କୁମାର ମହାଲିକ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗୋଁଣ୍ଡ ସମାଜ ସଦସ୍ୟ



ବଇଣ୍ଡା,୨୩।୧ (ପରିକ୍ଷିତ ସାହୁ)

ଠାକୁରଗଡ଼ ଥାନା ଆମ୍ବସରମୁଣ୍ଡା ଠାରେ ନିର୍ମାଣ ହୋଇଥିବା ଗୋଁଣ୍ଡ ସମାଜର ଆରାଧ୍ୟ ଦେବତା ଜଂଘା ଦେଓଙ୍କ ମନ୍ଦିରର ଉନ୍ନତି ପାଇଁ ଆଠମଲ୍ଲିକ ଗୋଁଣ୍ଡ ସମାଜର ସଦସ୍ୟମାନେ ସୋମବାର ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗୋଁଣ୍ଡ ସମାଜ ଜିଲା ସଭାପତି ସଦାଶିବ ନାୟକଙ୍କ ନେତୃତ୍ୱରେ ପ୍ରଥମେ ଆଠମଲ୍ଲିକର ବିଜେଡି ନେତା ନଳିନୀ ପ୍ରଧାନଙ୍କୁ ଭେଟିବା ପରେ ଶତାଧିକ ଗୋଁଣ୍ଡ ସମାଜର ମହିଳା, ପୁରୁଷ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ୩ ଦଫା ଦାବି ପୂରଣ ପାଇଁ ନିବେଦନ କରିଥିଲେ। ଏହି ଦାବି ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ। ସମାଜର ଉନ୍ନତି କିଭଳି ହେବ ସେ ନେଇ ଧ୍ୟାନ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜିଲା ବିଜେଡି ସହ ପର୍ଯ୍ୟବେକ୍ଷକ କୁନୁ ବିହାରୀ ଦାସ ଉପସ୍ଥିତ ଥିଲେ।

## ହୃଦ୍‌ଘାତରେ ସେବାୟତଙ୍କ ପରଲୋକ

ଅନୁଗୋଳ,୨୩।୧ (ଅମିତ କୁମାର ସାମଲ)

ନାଲ୍‌କୋର ଅବସରପ୍ରାପ୍ତ କର୍ମଚାରୀ ତଥା ନାଲ୍‌କୋ ଜଗନ୍ନାଥ ମନ୍ଦିରର ବରିଷ୍ଠ ଦଇତାପତି ସେବାୟତ କାହ୍ନୁ ଚରଣ ସ୍ୱାଇଁ(୬୨) ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସକାଳେ ଶୌଚ ହେବାକୁ ଯାଇଥିବା ବେଳେ ପାଇଖାନା ଭିତରେ ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ନାଲ୍‌କୋ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଜଣାପଡ଼ିବା ପରେ



ନାଲ୍‌କୋ କର୍ମଚାରୀ ଓ ସେବାୟତମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ମରଶରୀରକୁ ମନ୍ଦିର ନିକଟକୁ ନିଆଯାଇଥଲା। ସେଠାରେ ନାଲ୍‌କୋ ଜଗନ୍ନାଥ ମନ୍ଦିର କମିଟି ଉପ ସଭାପତି ତଥା ଜିଜିଏମ୍ ଓଆଣ୍ଡଏମ୍ ସିପିପି ସତ୍ୟବାଦୀ ମିଶ୍ର, ଜିଜିଏମ୍ ଫାଇନାନ୍ସ ମିହିର ରଥ, ଡିଜିଏମ୍ ଏଚଆରଡି ରାଜାରାମ ମିଶ୍ର, ଇଷ୍ଟେଟ ବିଭାଗ ଅଧିକାରୀ ଲଲାଟେନ୍ଦୁ ମହାପାତ୍ରଙ୍କ ସମେତ ନାଲ୍‌କୋ ମନ୍ଦିର କମିଟିର ସମସ୍ତ ଦଇତାପତି ସେବାୟତ, ପୂଜକ, କଲୋନିବାସୀ, ଶ୍ରମିକ ସଂଘର କର୍ମକର୍ତ୍ତା ଶେଷ ଦର୍ଶନ କରିଥିଲେ।

**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ**

ନଂ. ଏସ୍‌ଇଆର/ଏଚକ୍ୟୁ-ଏସ୍‌ଟିଓଆର୍‌ଓସେଲ୍ (ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୫ ତାରିଖ: ୨୩।୦୧।୨୦୨୪

**ତା୩୧।୦୧।୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ**

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ଡିଭିଜନ | ତା୩୧।୦୧।୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ।

(PR-1053) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**भाकृअनुप-केन्द्रीय मीठाजल जीवपालन अनुसंधान संस्थान**
**ICAR - CENTRAL INSTITUTE OF FRESHWATER AQUACULTURE**
कौशल्यागंग, भुवनेश्वर-751002, ओड़िशा
Kausalyaganga, Bhubaneswar-751002, Odisha

Advertisement No. 18/2023-24 Date of Insertion- 15.01.2024

**वॉक-इन-इन्टरव्यू**

भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए **01(एक) यंग प्रोफेशनल-II** पद की भर्ती हेतु **दिनांक 05.02.2024** को **पू. 10.00 बजे** चल-साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट **http://www.cifa.nic.in** पर जाएं।

**WALK-IN INTERVIEW**

A Walk-in-Interview will be held on **05.02.2024 at ICAR-CIFA, Bhubaneswar** at 10.00 A.M. for **01(One) no. of Young Professional-II,** at ICAR-CIFA, Bhubaneswar, purely on contractual basis to work under research project titled "ICAR-Network programme on Antimicrobial Resistance in Fisheries & Aquaculture". For further details please visit to ICAR-CIFA website: **http://www.cifa.nic.in.** मुख्य जाँचकर्ता / **Principal Investigator**

